# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାଜପୁର

ପତ୍ର ସଂଖ୍ୟା :- ୩୨୧୮ /ତା:- ୭.୧୨.୨୦୧୮.

**ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଟ୍) ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଏତଦ୍ ଦ୍ୱାରା ଜାତୀୟ ଗୋମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ୩ ବର୍ଷର ଅଭିଜ୍ଞାତା ଥିବା ପ୍ରାର୍ଥି ଓ ପ୍ରାର୍ଥିନୀ ମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ୨୫ ଗୋଟି ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଟ୍) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଜିଲ୍ଲାସ୍ତରୀୟ ଜାତି ଗତ ସଂରକ୍ଷଣ ଭିତିକ ପଦବି ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି (ST) | ୫ | ୨ | ୭ |
| ୨ | ଅନୁସୂଚିତ ଜାତି (SC) | ୫ | ୨ | ୭ |
| ୩ | ଅଣ ସଂରକ୍ଷିତ (UR) | ୮ | ୩ | ୧୧ |
| | ମୋଟ | ୧୮ | ୭ | ୨୫ |

ପ୍ରକାଶ ଥାଉକି କୌଣସି ବର୍ଗର ମହିଳା ପ୍ରାର୍ଥିନୀନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥିଙ୍କ ଦ୍ୱାରା ଉକ୍ତ ପଦବୀକୁ ପୂରଣ କରାଯିବ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଯୋଗ୍ୟତା:-**

କ) ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡିଶା ସରକାରଙ୍କର ସ୍ୱୀକୃତିପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ ହୋଇଥିବେ।

ଖ)ଜାତୀୟ ଗୋମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନସ୍ଥ କୃତିମ ପ୍ରଜନନ କ୍ଷେତ୍ରରେ ଅନୁନ୍ୟ ୩ ବର୍ଷର ଅଭିଜ୍ଞତା ରହିଥିବ ।

ଗ) ଓଡିଆ ଭାଷା କହି, ପଢିଓ ଲେଖିପାରୁଥିବେ ।

ଘ)ଉତ୍ତମ ଚରିତ୍ରବାନ ହୋଇଥିବେ ।

ଙ) ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମୀ/ସ୍ତ୍ରୀ ନଥିବେ ।

ଚ) **ଯାଜପୁର** ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

**ବୟସ ସୀମା :-**

ପ୍ରାର୍ଥୀ ଓ ପ୍ରାର୍ଥିନୀ ତା ୧.୧.୨୦୧୮ ସୁଦ୍ଧା ୧୮ ବର୍ଷରୁ କମ ଓ ୩୨ ବର୍ଷରୁ ଅଧିକ ହୋଇନଥିବେ । ସଂରକ୍ଷିତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ପାଞ୍ଚ ବର୍ଷ କୋହଳ କରାଯିବ ।ଗୋମିତ୍ର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୧-୧-୨୦୧୮ ତାରିଖ ସୁଦ୍ଧା ୪୫ ବର୍ଷ ମଧରେ ହୋଇଥିବା ଆବଶ୍ୟକ ।

**ଶାରୀରିକ ଯୋଗ୍ୟତା :-**

(କ)ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ସ୍ୱାସ୍ଥ୍ୟ ଥିବ ଓ କୌଣସି ଶାରିରୀକ ତ୍ରୁଟି ନଥିବ ।

(ଖ)ଉଚ୍ଚତା ପାଞ୍ଚ ଫୁଟରୁ କମ ହୋଇନଥିବ । ପୁରୁଷମାନଙ୍କ କ୍ଷେତ୍ରରେ ଅଣ ସମ୍ପ୍ରସାରିତ ଛାତିର ଚଉଡା ୩୦ ଇଞ୍ଚ ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥିନୀ ମାନଙ୍କର ଛାତିର ମାପ ନିଆଯିବ ନାହିଁ ।

(ଗ) ପ୍ରାର୍ଥୀ ଓ ପ୍ରାର୍ଥିନୀ ସାଇକେଲ ଚଳାଇ ପାରୁଥିବେ ।

**ଚୟନ ପ୍ରଣାଳୀ**

ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ, ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହା କି NPCBB ଅଧୀନରେ କୃତିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନି ବର୍ଷର ଅଭିଜ୍ଞତା ପାଇଁ ୩୦ ନମ୍ବର ଓ ତା ପରବର୍ତ୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ପାଇଁ ଅଧିକ ୫ ନମ୍ବର ଲେଖାଏଁ(ସର୍ବାଧିକ ସୀମା ୫୦)ପ୍ରଦାନ କରାଯିବ । ଅବଶିଷ୍ଟ ୫୦ ନମ୍ବର ପାଇଁ ଓଡିଆ ଭାଷାରେ ଲେଖି ପଢି ଜାଣିଥିବାର ଲିଖିତ ପରୀକ୍ଷା କରାଯିବ ।

ପ୍ରାର୍ଥୀ ଓ ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ, **ଯାଜପୁର** ଙ୍କ କାର୍ଯାଳୟରେ ଦାଖଲ କରିବୋଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ **୨୨.୧୨.୨୦୧୮** ଅଟେ। ଉକ୍ତ ସମୟ ପରେ ପହଞ୍ଚି ଥିବା ଦରଖାସ୍ତକୁବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ ଓ ପ୍ରାର୍ଥିନୀ ବ୍ୟକ୍ତିଗତ ଭାବେ କିମ୍ବା **ରେଜେଷ୍ଟ୍ରି** ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ। ଲଫାଫା ଉପରେ "**ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଟ୍) ନିଯୁକ୍ତି ନିମନ୍ତେ**"ଲେଖାଯିବା ଆବଶ୍ୟକ ।

ସ୍ୱାକ୍ଷରିତ ...

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର**

# ଦରଖାସ୍ତ ଫର୍ମ

ଫଟୋ

୧. ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନାମ :

୨.ପୁରୁଷ/ମହିଳା :

୩.ପିତା /ସ୍ୱାମୀଙ୍କ ନାମ :

୪.ବିବାହିତ/ଅବିବାହିତ :

୫.ସ୍ଥାୟୀ ଠିକଣା :

ଗ୍ରାମ.......................................................................ପୋ......................................ଭାୟା............................
..................ଥାନା ..............................................ଜିଲ୍ଲା ...........................................................ପିନ
.......................................

୬. ଯୋଗାଯୋଗ ଠିକଣା :

ଗ୍ରାମ.................................................................ପୋ...................................ଭାୟା...........................................
ଥାନା .....................................................................ଜିଲ୍ଲା......................................ପିନ .......................................

୭.ଜନ୍ମ ତାରିଖ :

୮.ବୟସ(୦୧.୦୧.୨୦୧୮ ସୁଦ୍ଧା) :

୯.ଜାତୀୟତା :

୧୦. ଜାତି :

୧୧. ଶିକ୍ଷାଗତ ଯୋଗ୍ୟତା :

୧୨.NPCBB ଅଧିନରେ ଗୋମିତ୍ର ଭାବରେ ଯୋଗଦାନର ତାରିଖ :

୧୩. କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ସମୟ :

୧୪.ଉଚ୍ଚତା :

୧୫. ଅଣସମ୍ପ୍ରସାରିତ ଛାତିର ଚଉଡା(ଇଞ୍ଚରେ) :

**ମୁଁ ଏତଦ୍ଦ୍ୱାରା ଘୋଷଣା କରୁଅଛିକି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତସାରରେ ନିର୍ଭୁଲ ଓ ସତ୍ୟ ଅଟେ ।**

**ସ୍ୱାକ୍ଷର**

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର**

୧. ଶିକ୍ଷାଗତ ଯୋଗ୍ୟତାର ନକଲ (self attested)
୨. ବୟସର ପ୍ରମାଣ ପତ୍ର (self attested)
୩. ଜାତିଗତ ପ୍ରମାଣପତ୍ର (self attested)
୪. ଚରିତ୍ର ପ୍ରମାଣପତ୍ର (୨ ଜଣ ଗେଜେଟେଡ ଅଫିସରଙ୍କ ଦ୍ୱାରା ପ୍ରଦତ୍ତ )
୫. ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର (self attested)
**୬. ଜିଲ୍ଲା କର୍ମ ନିୟୋଜନ ସଂସ୍ଥାରେ ପଞ୍ଜିକରଣର ଅବିକଳ ନକଲ** (self attested)
**୭.**. ଏନପିସିବିବି(NPCBB)ଅଧୀନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଭିଜ୍ଞତାର ୩ ବର୍ଷ ବା ତଦୁର୍ଦ୍ଧ ସମୟର ପ୍ରମାଣ ପତ୍ର (**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ** ଙ୍କ ଠାରୁ)
୮..୨ଟି ଫଟୋ (ପାସପୋର୍ଟ ଆକାରର)

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର**